# ସୁରକ୍ଷା ଦାବିରେ ଏସ୍‌ପିଙ୍କୁ ଭେଟିଲେ ପୀଡ଼ିତାଙ୍କ ପରିବାର



ଖୋର୍ଦ୍ଧା,୨୯।୬/ଏନ୍‌ଏନ୍‌ଏସ୍: ଗାଧୁଆ ତୁଠରେ ଯୁବତୀଙ୍କୁ ଦୁର୍ବ୍ୟବହାର ଓ ଘରେ ପଶି ଆକ୍ରମଣ ଘଟଣାରେ ଭୟରେ ଗାଁରୁ ବାହାରେ ରହୁଥିବା ପରିବାର ନିଜ ସୁରକ୍ଷା ଦାବିରେ ଆଜି ଏସ୍‌ପିଙ୍କୁ ଭେଟି ଗୁହାରି କରିଛନ୍ତି।

ସୂଚନାଅନୁସାରେ, ଗତ ୨୫ତାରିଖରେ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ଅନ୍ତର୍ଗତ ହରିପୁର ଶାସନ ଗ୍ରାମରେ ପ୍ରମିଳା ଜେନାଙ୍କ ଦୁଇ ଝିଅ ଗାଧୋଇବା ପାଇଁ ପୋଖରୀକୁ ଯାଇଥିଲେ। ସେହି ସମୟରେ ଗ୍ରାମର ଦୁଇଜଣ ବ୍ୟକ୍ତି ସେମାନଙ୍କୁ କମେଣ୍ଟ ମାରିବାସହ ଅଶ୍ଳୀଳ ଇଙ୍ଗିତ ଓ ଅସଦାଚରଣ କରିଥିଲେ। ଦୁଇ ଝିଅ ଘଟଣା ସମ୍ପର୍କରେ ଘରେ ଜଣାଇବା ପରେ ଏହାକୁ ନେଇ ଗଣ୍ଡଗୋଳ ହୋଇଥିଲା। ତେବେ ଗାଁ ର କିଛି ପ୍ରଭାବଶାଳୀ ବ୍ୟକ୍ତି ପ୍ରମିଳାଙ୍କ ଘରେ ପଶି ମାଡ଼ ମାରିବା ସହିତ ଥାନାକୁ ଅଭିଯୋଗ ପାଇଁ ଯିବା ବେଳେ ମାଆ ଓ ୨ଝିଅଙ୍କୁ ଉଠାଇନେଲେ କିଛି ଲୋକ। ଫଳରେ ଭୟରେ ଗାଁ ଛାଡ଼ି ପୀଡ଼ିତାଙ୍କ ପରିବାର ବାହାରେ ରହୁଛନ୍ତି। ପରେ ଏନେଇ ଉଭୟ ପକ୍ଷରୁ ବୋଲଗଡ଼ ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିବାବେଳେ ପୁଲିସ ଏ ଘଟଣାରେ ୨ଜଣଙ୍କୁ ଗିରଫ କରିଛି। ତଥାପି ଗିରଫ ବ୍ୟକ୍ତିଙ୍କର ବାହାରେ ଥିବା କିଛିଲୋକ ପୀଡ଼ିତା ପରିବାରଙ୍କୁ ବିଭିନ୍ନ ପ୍ରକାରର ଧମକ ଚମକ ଦେଉଛନ୍ତି। ଯାହାଫଳରେ ଏହି ପରିବାର ଗାଁକୁ ଯାଇପାରୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ଗତ ୨୬ ତାରିଖରେ ଏସ୍‌ପିଙ୍କ ନିକଟରେ ପୀଡ଼ିତାଙ୍କ ପରିବାର ଅଭିଯୋଗ କରିଥିଲେ ମଧ୍ୟ ଫଳ ଶୂନ। ତେବେ ଦୁର୍ବୃତ୍ତ ଗୁଣ୍ଡା ଶ୍ରେଣୀର ହୋଇଥିବାରୁ ଭୟରେ ପୀଡ଼ିତାଙ୍କ ପରିବାର ଲୋକ ଗାଁ ଛାଡ଼ି ବାହାରେ ରହୁଛନ୍ତି। ଅନ୍ୟପକ୍ଷରେ ମହିଳା ଓ ଯୁବତୀଙ୍କୁ ଆକ୍ରମଣ ସମୟର ଭିଡିଓ ଏବେ ମୋବାଇଲରୁ ମୋବାଇଲକୁ ଭାଇରାଲ ହେବାରେ ଲାଗିଛି। ତେଣୁ ପରିବାରର ନିଜ ସୁରକ୍ଷା ଦାବିରେ ଆଜି ଏସ୍‌ପି ଅଜେୟ ପ୍ରତାପ ସ୍ୱାଇଁଙ୍କୁ ପୁନର୍ବାର ତାଙ୍କ କାର୍ଯ୍ୟାଳୟରେ ଭେଟି ଗୁହାରୀ କରିଛନ୍ତି। ଏହି ପରିବାରର ସୁରକ୍ଷା ଲାଗି ଗ୍ରାମରେ ପୁଲିସ ପଇଁତରା ମାରୁ ଥିବା ଏସ୍‌ପି ଶ୍ରୀ ସ୍ୱାଇଁ କହିଛନ୍ତି।


ନିତିଦିନ NITIDIN Tue, Jun 30, 2020
http://odishanewsnitidin.com